The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 1197 CUTTACK, TUESDAY, JULY 17, 2018/ASADHA 26, 1940**

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର

ଅଧିସୂଚନା

ତାରିଖ 23 ଅପ୍ରେଲ 2018

No. 211—XIV-15/2018-SLA.—ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଦୈତାରୀ-ବାଂଶପାଣି ଦୋହରିକରଣ ରେଳପଥ ନିର୍ମାଣ ନିମନ୍ତେ ମୌଜା କଲଣ୍ଡା, ଥାନା ସଦର ନମ୍ବର ୧୦, ତହସିଲ କେନ୍ଦୁଝର, ଜିଲ୍ଲା କେନ୍ଦୁଝରରେ ନିମ୍ନ ତଫସିଲମତେ ପ୍ରାୟ 0.27 ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନା ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

୧ । ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଦୈତାରୀ-ବାଂଶପାଣି ଦୋହରିକରଣ ରେଳପଥ ପ୍ରକଳ୍ପ ।

୨ । ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ, ଯାଜପୁର-କେନ୍ଦୁଝର ରୋଡ, ଯାଜପୁର ।

୩ । କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ କାର୍ଯ୍ୟକାରୀ କରିବା ।

୪ । ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଓଡ଼ିଶା ସରକାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା 20259-R & DM., ତା 23 ଜୁନ୍ 2017ରିଖ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି ।

୫ । ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପଜିଲ୍ଲାପାଳ, କେନ୍ଦୁଝର ।

୬ । ଜମିର ବିବରଣୀ :-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନମ୍ବର | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ଏଥିସହିତ ଭୂମି ଅନୁସୂଚୀ ସଂଲଗ୍ନ ହୋଇଅଛି । | | | | | | | |

ଉକ୍ତ ଭୂମିର ଏକ ନକ୍ସା, ଭୂ-ଅର୍ଜନ ଅଧିକାରୀ, ଦୈତାରୀ-ବାଂଶପାଣି ଦୋହରିକରଣ ରେଳପଥ ପ୍ରକଳ୍ପ କେନ୍ଦୁଝରଙ୍କ କାର୍ଯ୍ୟାଳୟରେ, କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ସମ୍ପୃକ୍ତ ଜମିର କୌଣସି ଜମି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ (ଷାଠିଏ) ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ ୨୦୧୩ର ଧାରା ୧୫ର ବ୍ୟବସ୍ଥା ଅନୁଯାୟୀ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ଭୂମି ଅନୁସୂଚୀ**

| ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅର୍ଜିତ ରକବା | ଖାତା ରୟତଙ୍କ ନାମ |
|---|---|---|---|---|
| (୧) | (୨) | (୩) | (୪) | (୫) |
| | | ଏକର | ଏକର | |
| ୩୦ | ୩୩୪ | ୦.୩୬ | ୦.୦୨ | ତୁଳସୀ ପ୍ରଧାନ |
| ୫୯ | ୨୧୮ | ୦.୭୨ | ୦.୦୧ | ଭୀମ ପ୍ରଧାନ |
| ୮୦ | ୨୧୫ | ୧.୩ | ୦.୧ | ଶମ୍ଭୁ ମହାକୁଡ |
| ୮୦ | ୨୧୬ | ୦.୭ | ୦.୦୨ | ଶମ୍ଭୁ ମହାକୁଡ |
| ୮୧ | ୨୧୩ | ୧.୯୨ | ୦.୧୨ | ଶମ୍ଭୁ ମହାକୁଡ |
| **ମୋଟ** | .. | **୫** | **୦.୨୭** | |

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ଆଶିଷ ଠାକ୍‌ରେ**

ଜିଲ୍ଲାପାଳ, କେନ୍ଦୁଝର

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 674—173+15